





# ବ୍ୟାଙ୍କ ନେଉନି ଆଦିବାସୀଙ୍କ ଜମି ପଟ୍ଟା, ଅକଳରେ ହିତାଧିକାରୀ

**ରାୟଗଡ଼ା,୨୯।୨(ଆଶିଷ ରଞ୍ଜନ ପଣ୍ଡା)**

ଗରିବ ହିତାଧିକାରୀଙ୍କୁ ନୂତନ ଗୃହ ନିର୍ମାଣ, ଗୃହ ମରାମତି ଓ କୋଠରି ବଢ଼ାଇବା ପାଇଁ ରାଜ୍ୟ ସରକାର ମୋ ଘର ଯୋଜନାରେ ୩ ଲକ୍ଷ ଟଙ୍କା ଋଣ ବ୍ୟବସ୍ଥା କରିଛନ୍ତି। ହେଲେ ରାୟଗଡ଼ା ଜିଲାରେ ଏହି ଯୋଜନା ସମ୍ପୂର୍ଣ୍ଣ ବାଟବଣା ହୋଇପଡ଼ିଛି । ମିଳିଥିବା ତଥ୍ୟ ଅନୁସାରେ, ଗତ ୮ମାସ ମଧ୍ୟରେ ଜିଲାରେ ୫୨୧୨ ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୩୯ଜଣଙ୍କୁ ମିଳିଛି ଋଣ , ଯାହାକି ଆବେଦନ କରିଥିବା ମୋଟ ହିତାଧିକାରୀଙ୍କ ୦.୭୪ ପ୍ରତିଶତ । ସରକାରୀ ସ୍ତରରେ ନାନା ତ୍ରୁଟି ଯୋଗୁ ଏହି ଯୋଜନାରେ ହିତାଧିକାରୀ ଲାଭାନ୍ୱିତ ହୋଇପାରୁ ନ ଥିବା ଜଣାପଡ଼ିଛି। ଏ ନେଇ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁରଙ୍କୁ ପଚାରିବାରୁ ଆବେଦନକାରୀ ଆବେଦନ କରିବା ପରେ ଏହା ସମ୍ପୃକ୍ତ ବ୍ଲକ ମାଧ୍ୟମରେ ଆବେଦନକାରୀ ଦାଖଲ କରିଥିବା ବ୍ୟାଙ୍କକୁ ଚାଲିଯାଏ । ସେଠାରେ ଆବେଦନକାରୀଙ୍କ ଜମି ପଟ୍ଟା ଓ ଜମିର ସମସ୍ତ ନଥି ଯାଞ୍ଚ କରାଯାଏ । ପରେ ଜିଲା ପରିଷଦ ବିଭାଗ ପକ୍ଷରୁ ଆବେଦନକାରୀଙ୍କ ବାର୍ଷିକ ଆୟ ଏବଂ ସେମାନେ ପୂର୍ବରୁ କୌଣସି ଯୋଜନାରେ ଘର ପାଇଛନ୍ତି କି ନାହିଁ ତାହାର ମଧ୍ୟ ତଦନ୍ତ କରାଯାଉଛି। ଏହାପରେ ବ୍ୟାଙ୍କ ଋଣ ପ୍ରଦାନ କରୁଛି ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ଏପିଡି ପ୍ରଭାତ ରଞ୍ଜନ ଲେଙ୍କା କହିଛନ୍ତି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ଜମି ପଟ୍ଟା ବ୍ୟାଙ୍କରେ ବନ୍ଧକ ରଖିବା ପାଇଁ କୌଣସି ସରକାରୀ ଅନୁମତି ନ ଥିବାରୁ ସେମାନେ ଏହି ଯୋଜନାର ଲାଭ ଉଠାଇ ପାରୁନାହାନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ଗାଇଡଲାଇନ୍ ଆସିଲେ ହିଁ ସେମାନେ ମୋ ଘର ଯୋଜନାରେ ସାମିଲ ହୋଇପାରିବେ ବୋଲି ଏପିଡି ଲେଙ୍କା କହିଛନ୍ତି।

ମୋ ଘର ଯୋଜନା ଆରମ୍ଭ ହେବା ପରେ ଜିଲାର ୧୧ଟି ବ୍ଲକ ତରଫରୁ ହିତାଧିକାରୀଙ୍କଠାରୁ ଆବେଦନ ଆହ୍ୱାନ କରିଥିଲେ ବ୍ଲକ୍ କର୍ତ୍ତୃପକ୍ଷ। ସେହି କ୍ରମରେ ଇଚ୍ଛୁକ ହିତାଧିକାରୀ ଆବେଦନ କରିବା ପରେ ବ୍ଲକ ତରଫରୁ ବିଭିନ୍ନ ବ୍ୟାଙ୍କକୁ ପ୍ରେରଣ କରାଯାଇଥିଲା। ତେବେ ବ୍ୟାଙ୍କ କର୍ତ୍ତୃପକ୍ଷ ନାନା ସମସ୍ୟା ବାହାରକରି ହିତାଧିକାରୀଙ୍କୁ ଋଣ ଦେଉ ନ ଥିବା ଅଭିଯୋଗ ହେଉଛି।

**ମୋ ଘର ଯୋଜନା ବାଟବଣା**
- ୫୨୧୨ ଆବେଦନକାରୀ, ଋଣ ପାଇଛନ୍ତି ମାତ୍ର ୩୯
- ଗୁଡ଼ାରି, ଚନ୍ଦ୍ରପୁର ବ୍ଲକ୍‌ରେ ଶୂନ

ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କୁ ଏହି ଯୋଜନା ଅନ୍ତର୍ଗତ ଋଣ ପ୍ରଦାନ କରିବାକୁ ବ୍ୟାଙ୍କ ରୋକ୍‌ଠୋକ୍ ମନା କରୁଥିବା ଅଭିଯୋଗ ହୋଇଛି। ଆବେଦନ କରିଥିବା ୫୨୧୨ ଜଣଙ୍କ ମଧ୍ୟରୁ ଯେଉଁ ୩୯ ଜଣ ଋଣ ପାଇଛନ୍ତି, ସମସ୍ତେ ଅଣସଂରକ୍ଷିତ ବର୍ଗର ବୋଲି ସୂଚନା ମିଳିଛି। ହେଲେ ସରକାରୀ କଟକଣା କାରଣରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ଜମି ପଟ୍ଟା ବନ୍ଧକ ସୂତ୍ରରେ ରଖିବାରେ ସମସ୍ୟା ଉପୁଜୁଛି ବୋଲି ଜଣେ ବ୍ୟାଙ୍କ ଅଧିକାରୀ ସୂଚନା ଦେଇଛନ୍ତି। ମୁଖ୍ୟତଃ ରାଜସ୍ୱ ବିଭାଗର ଏଥିରେ ତ୍ରୁଟି ରହିଥିବା ଜଣାପଡିଛି। ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ସର୍ବାଧିକ ୧୨୩୨ ଜଣ କାଶୀପୁର ବ୍ଲକରେ ଆବେଦନ କରିଥିଲେ ଓ ପାଇଛନ୍ତି ମାତ୍ର ୫ ଜଣ। ଜିଲାର ଦୁଇ ପଛୁଆ ବ୍ଲକ ଚନ୍ଦ୍ରପୁର ଓ ଗୁଡାରି ବ୍ଲକରେ ଜଣେ ମଧ୍ୟ ଏହି ଯୋଜନାର ଲାଭ ପାଇନାହାନ୍ତି। ଗୁଡାରି ବ୍ଲକରେ ୩୭୨ ଓ ଚନ୍ଦ୍ରପୁର ବ୍ଲକରେ ୧୩୦ ଜଣ ଆବେଦନ କରି ନିରାଶ ହୋଇଛନ୍ତି। ସେହିଭଳି ରାମନାଗୁଡ଼ା ବ୍ଲକରେ ୨୮୪ ମଧ୍ୟରୁ ୪, କୋଲନରା ବ୍ଲକରେ ୪୪୩ ମଧ୍ୟରୁ ୩, ପଦ୍ମପୁର ବ୍ଲକରେ ୩୬୨ ମଧ୍ୟରୁ ୭, ରାୟଗଡ଼ା ବ୍ଲକରେ ୭୨୦ ମଧ୍ୟରୁ ୬, ଗୁଣପୁର ବ୍ଲକରେ ୩୬୭ ମଧ୍ୟରୁ ୨, ମୁନିଗୁଡ଼ା ବ୍ଲକରେ ୨୪୭ ମଧ୍ୟରୁ ୬, କଲ୍ୟାଣସିଂହପୁର ବ୍ଲକରେ ୪୭୬ ମଧ୍ୟରୁ ମାତ୍ର ୨ ଏବଂ ବିଷମକଟକ ବ୍ଲକରେ ୫୭୯ ମଧ୍ୟରୁ ୪ ଜଣ ଋଣ ପାଇଛନ୍ତି। ଫଳରେ ଏହି ଯୋଜନା କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ରାଜ୍ୟ ସରକାର ପଛୁଆ ଅଞ୍ଚଳର ବିକାଶ ପାଇଁ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଏହା ସଫଳ ରୂପାୟନ ହେଉଛି କି ନାହିଁ ଏବଂ ସଫଳ ନ ହେବାର କାରଣ ନେଇ କୌଣସି ସମୀକ୍ଷା କରାଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକେ ପକ୍କାଘର ପାଇଁ ଅପେକ୍ଷାରେ ଦିନ କାଟୁଛନ୍ତି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରି ତ୍ରୁଟି ସୁଧାରିବା ଆବଶ୍ୟକ ବୋଲି ଦାବି ହେଉଛି।

# ସହରର ୬୫,୪୬୩ ଲୋକଙ୍କୁ ଜଳଯୋଗାଣ ଲକ୍ଷ୍ୟ

**ବୃହତ ଜଳଯୋଗାଣ ପ୍ରକଳ୍ପର ଶୁଭ ଦେଲେ ମୁଖ୍ୟମନ୍ତ୍ରୀ**

**ଗୁଣପୁର,୨୯।୨(ପ୍ରଦୀପ କୁମାର ପାଢୀ)**


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାୟଗଡା ଜିଲା ଗୁଣପୁରଠାରେ ବୃହତ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଶୁଭ ଦେଇଛନ୍ତି। ଏଥିଲାଗି ଟାଉନ ହଲଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ସମେତ ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ମଞ୍ଚାସୀନ ଥିଲେ। ପୌର ପରିଷଦର କାଉନସିଲର ଏବଂ ବିଭାଗୀ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଗୁଣପୁର ସହର ସୌର ପ୍ରଧାନୀଗୁଡାଠାରେ ୪୮କୋଟି ୫୭ ଲକ୍ଷ ଟଙ୍କା ବ୍ୟୟରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ସହରରେ ୪୪୪୬ ଘରକୁ ପାନୀୟ ଜଳ ସଂଯୋଗ ପ୍ରଦାନ କରାଯାଇଛି। ଆସନ୍ତା ୧୫ ମାସ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଲକ୍ଷ୍ୟ ରଖାଯାଇଛି। ୨୦୫୫ ପର୍ଯ୍ୟନ୍ତ 'ସହରର ୬୫,୪୬୩ ଲୋକଙ୍କୁ ଜଳଯୋଗାଣର ଲକ୍ଷ୍ୟ ରଖାଯାଇଥିବା ଜନ ସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ସହଦେବ କିଶାନ ସୂଚନା ଦେଇଛନ୍ତି।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ

**ଟିଁକିରି,୨୯।୨(ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ପରିସର ସଦ୍‌ଭାବନା ଗୃହରେ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଓ କୋଠାବାଡି ଶ୍ରମିକଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଟ ମାଝି ଓ ଉପାଧ୍ୟକ୍ଷ କୁନି ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁ ପରିଚାଳନା କରିଥିଲେ। ବ୍ଲକ ଅନ୍ତର୍ଗତ ବହୁ ଗ୍ରାମରୁ ଶତାଧିକ ଶ୍ରମିକ ଶ୍ରେଣୀର ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ଯୋଜନାରେ ୧୦ ଜଣଙ୍କୁ ୨ଲକ୍ଷ ୫୦ ହଜାର, ବିବାହ ଯୋଜନା ନିମନ୍ତେ ୯ ଜଣଙ୍କୁ ୫୦ ହଜାର, ପ୍ରସୂତିକାଳୀନ ସହାୟତା ନିମନ୍ତେ ୭ ଜଣ ଶ୍ରମିକଙ୍କୁ ୧୦ ହଜାର ଓ ଶିକ୍ଷା କ୍ଷେତ୍ରରେ ୪୩ ଜଣ ଶ୍ରମିକଙ୍କ ସନ୍ତାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧ ଲକ୍ଷ ୫୦ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ଖଗେଶ୍ୱର ସିଂ, ନିରଞ୍ଜନ ପାତ୍ର, ଦୟା ନାଏକ, ରୁନା ନାଏକ ପ୍ରମୁଖ ସହଯୋଗ କରିଥିଲେ ।


ବିଧାୟକ ଓ ଅନ୍ୟ ଅତିଥିମାନେ ଜଣେ ମହିଳାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# ଭତ୍ତାରେ ବୃଦ୍ଧାଙ୍କୁ ୫ଶହ ଟଙ୍କିଆ ଜାଲ ନୋଟ୍

**ଟିଁକିରି,୨୯।୨ (ପ୍ରଫୁଲ କୁମାର ବେହେରା)**

**ବଦଳାଇଲା ବ୍ଲକ୍ ପ୍ରଶାସନ**

ରାଜ୍ୟ ସରକାର ମଧୁବାବୁ ପେନ୍‌ସନ ଯୋଜନାରେ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ଗରିବ ଲୋକଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି। ତେବେ ରାୟଗଡା ଜିଲା କାଶୀପୁର ସଦର ମହକୁମାରେ ଜଣେ ବିଧବା ବୃଦ୍ଧାଙ୍କୁ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିବାବେଳେ ସେଥିରେ ଜାଲ୍ ୫ଶହ ଟଙ୍କିଆ ନୋଟ୍ ଥିବା ଦେଖିବାକୁ ମିଳିଛି। ବିଧବା ଜଣକ ହେଲେ କାଶୀପୁର ବଙ୍ଗଳା ସାହି ନିବାସୀ ବୁଧବାରି ମାଝି । ଉକ୍ତ ଜାଲ୍ ନୋଟ୍ ଫେରାଇବାକୁ ବୃଦ୍ଧା ଜଣକ କାଶୀପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ କାହାକୁ ନ ପାଇ ନିରାଶ ହୋଇ ଫେରିଥିଲେ। ଖବରପାଇ ପ୍ରଶାସନ ପକ୍ଷରୁ ଜଣେ ଅଧିକାରୀ ବୁଧବାରୀ ମାଝିଙ୍କ ଘରେ ପହଞ୍ଚି ଜାଲ୍ ଟଙ୍କାକୁ ବଦଳାଇଦେଇଥିବା ଜଣାପଡିଛି । କାଶୀପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଅଞ୍ଚଳର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ପିଇଓ ସଲିମାନ ରାଇକା, ଜିଆରଏସ ବ୍ରହ୍ମାନନ୍ଦ ନାଏକ ଓ ଯୋଗାଣ ସହାୟକ ପ୍ରହ୍ଲାଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମୟରେ ବୃଦ୍ଧା ବୁଧବାରୀ ମାଝିଙ୍କୁ ଏକ ପାଞ୍ଚଶହ ଟଙ୍କା ପ୍ରଦାନ କରାଯାଇଥିଲା। ସେ ଘରେ ପହଞ୍ଚିବା ପରେ ଉକ୍ତ ଟଙ୍କା ଚାଉଳ କିଣିବାକୁ ଦୋକାନକୁ ଯାଇଥିଲେ। କିନ୍ତୁ ଦୋକାନୀ ଜାଲ ନୋଟ୍ କହି ତାଙ୍କୁ ଚାଉଳ ଦେବାକୁ ମନା କରିଦେଇଥିଲେ। ଏ ନେଇ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରମାକାନ୍ତ କୁମ୍ଭକାଙ୍କୁ ପଚାରିବାରୁ ଘଟଣାଟି ସତ୍ୟ। ଭତ୍ତା ଟଙ୍କା ଟିକିରିସ୍ଥିତ ଆଇସିଆଇସିଆଇ ବ୍ୟାଙ୍କରୁ ଉଠାଯାଇ ଅଞ୍ଚଳରେ ବଣ୍ଟନ କରାଯାଇଥିଲା। ତେବେ ସେଥିମଧ୍ୟରୁ ଗୋଟେ ୫ଶହ ନୋଟ୍ ଜାଲ୍ ଥିବା ଜଣାପଡ଼ିବା ପରେ ବୃଦ୍ଧାଙ୍କଠାରୁ ନୋଟ୍ ବଦଳି କରାଯାଇଥିବା କହିଥିଲେ।

# ଜିଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ



ମିଟ୍‌ସ ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ଏସପି ହରିଶା ବି.ସି.ଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରୁଛନ୍ତି ।

**ରାୟଗଡ଼ା,୨୯।୨(ଆଶିଷ ରଞ୍ଜନ ପଣ୍ଡା)**

ନେହେରୁ ଯୁବକେନ୍ଦ୍ର ପକ୍ଷରୁ କୋଲନରା ବ୍ଲକ ଭୁଜବଳସ୍ଥିତ ମିଟସ୍ ଇଞ୍ଜିନିୟରିଂ କଲେଜ ପରିସରରେ ଜିଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହିକାର୍ଯ୍ୟକ୍ରମରେ ଏସ୍‌ପି ହରିଶା ବି.ସି. ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ନିଯୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ମିଟସ୍ କଲେଜ ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା, ନିର୍ଦ୍ଦେଶକ ଡ. ସି.ଭି. ଗୋପୀନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ବି.ରମେଶ ଅଧ୍ୟକ୍ଷତା କରିଥିଲେ। ଜିଲାର ପ୍ରାୟ ୫୦୦ ଉର୍ଦ୍ଧ୍ୱ ଯୁବତୀ ଯୁବକ ଯୋଗଦେଇଥିଲେ। ଜିଲାର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ପ୍ରଶ୍ନୋତ୍ତର ମାଧ୍ୟମରେ ବିତର୍କ ହୋଇଥିଲା । ଜିଲାକୁ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଓ ଜନଜାତିମାନଙ୍କର କିପରି ସର୍ବାଙ୍ଗୀନ ଉନ୍ନତି ହେବ ସେ ନେଇ ଅତିଥିମାନେ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ । ଶେଷରେ ନେହେରୁ ଯୁବ କେନ୍ଦ୍ରର ଲେଖାପାଳ ଦ୍ୱିତୀୟା ବନ୍ଛୋର ଧନ୍ୟବାଦ ଅର୍ପଣ କରିଥିଲେ । ମିଟସ୍ କଲେଜ ସହଯୋଗରେ କଲେଜ ଅଧ୍ୟକ୍ଷ ରାମାନୁଜ୍ ଓ ନେହରୁ ଯୁବ କେନ୍ଦ୍ରର ଲକ୍ଷ୍ମୀ ନାରାୟଣ ସେଠୀ ପରିଚାଳନା କରିଥିଲେ ।

# ସ୍ୱଚ୍ଛ, ଅବାଧ ନିର୍ବାଚନ ପାଇଁ ଅଧିକାରୀଙ୍କୁ ତାଲିମ

**ରାୟଗଡ଼ା,୨୯।୨(ଆଶିଷ ରଞ୍ଜନ ପଣ୍ଡା)**

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଗୁରୁବାର ଅଧିକାରୀମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ସେକ୍ଟର ଅଫିସରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ମୁଖ୍ୟତଃ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା ରକ୍ଷା କରିବା, ପ୍ରତ୍ୟେକ ବୁଥକୁ ସମସ୍ତ ଆନୁଷଙ୍ଗିକ ସୁବିଧା ଯୋଗାଇବା, ଭୋଟର କିଭଳି ସୁରକ୍ଷିତ ଭୋଟ ପ୍ରଦାନ କରିବେ, ଇଭିଏମ୍ ଓ ପୋଲିଂ ଟିମ୍ ସୁବିଧାରେ ବୁଥ୍‌ରେ ପହଞ୍ଚିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଜିଲାର ୩ଟି ନିର୍ବାଚନମଣ୍ଡଳୀ ରାୟଗଡ଼ା, ଗୁଣପୁର ଓ ବିଷମକଟକର ପୋଲିସ ସେକ୍ଟର ଅଫିସର, ଜିଲାସ୍ତରୀୟ ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ରାୟଗଡ଼ା ଆଦିବାସୀ ସମନ୍ୱୟ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲୀପ ବେହେରା ଓ ପ୍ରଦ୍ୟୁମ୍ନ ମଣ୍ଡଳ ପ୍ରମୁଖ ସେକ୍ଟର ଅଫିସରମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।


ତାଲିମ ଶିବିରରେ ଉପସ୍ଥିତ ସେକ୍ଟର ଅଫିସର ଓ ଅନ୍ୟମାନେ।

## ସଂକ୍ଷେପରେ

### ତେନ୍ତୁଳିଖୁଣ୍ଟି ବ୍ଲକ୍ ବ୍ରାହ୍ମଣ ସମାଜ କାର୍ଯ୍ୟକାରିଣୀ ବୈଠକ

ତେନ୍ତୁଳିଖୁଣ୍ଟି, ୨୯।୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ବ୍ରାହ୍ମଣ ସମାଜ କାର୍ଯ୍ୟକାରିଣୀ ବୈଠକ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ଦାସଙ୍କ ଅଧ୍ୟକ୍ଷତାରେ ତେନ୍ତୁଳିଖୁଣ୍ଟିସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ମହାଯଜ୍ଞ, ବ୍ଲକସ୍ତରରେ ବ୍ରାହ୍ମଣ ସମାଜ ବନ୍ଧୁମିଳନ ଓ ପ୍ରବଚନ କାର୍ଯ୍ୟକ୍ରମ ୨୮ ଏପ୍ରିଲରେ ଖାତିଗୁଡ଼ାସ୍ଥିତ ଶ୍ରୀ ଶ୍ରୀ ଦତ୍ତାତ୍ରେୟ କଲ୍ୟାଣ ମଣ୍ଡପରେ କରାଯିବାକୁ ସ୍ଥିର ହୋଇଛି। ପ୍ରବଚନ ପାଇଁ ପୁରୀରୁ ସତ୍ୟ ମହାପାତ୍ର ଓ ରାଧେଶ୍ୟାମ ପଣ୍ଡା, ପ୍ରଭାସ ଦାସଙ୍କୁ ନିମନ୍ତ୍ରଣ କରାଯାଇଥିବା ସୂଚନା ଦିଆଯାଇଛି। ମାର୍ଚ୍ଚ ୧୦ ସୁଦ୍ଧା ସମସ୍ତ ବ୍ରାହ୍ମଣ ପରିବାରର ତାଲିକା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଉପସଭାପତି ଗୋପୀନାଥ ମହାନ୍ତି ବୈଠକର ସଂଯୋଜନା କରିଥିଲେ। ଉପଦେଷ୍ଟା ହରିହର ମିଶ୍ରଙ୍କ ସମେତ ଉପସଭାପତି ବସନ୍ତ ପାଣିଗ୍ରାହୀ ଓ ଅନ୍ୟ କାର୍ଯ୍ୟକାରିଣୀ ସଭ୍ୟ ଉପସ୍ଥିତ ଥିଲେ।

### ତୋରେଙ୍ଗାରେ ବ୍ୟାଙ୍କିଙ୍ଗ ଆଉଟଲେଟ ଉଦ୍‌ଘାଟିତ

ଉମରକୋଟ, ୨୯।୨(ସନ୍ତୋଷ ଶତପଥୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ବ୍ୟାଙ୍କ ସେବା ଉଦ୍‌ଘାଟନ କରିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ତୋରେଙ୍ଗାରେ ଏକ ବ୍ୟାଙ୍କିଙ୍ଗ ଆଉଟଲେଟକୁ ଭିଡିଓ କନଫରେନ୍ସରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଉମରକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁଶୀଳା ମାଝି, ବିଡିଓ ପ୍ରୀତିରଞ୍ଜନ ରଥ, ଜିଲା ପରିଷଦ ସଦସ୍ୟା ଡାଳିମ୍ବ ଭତ୍ରା, ତରେଙ୍ଗା ସରପଞ୍ଚ ମଣିରାମ ମାଝି, ସମିତି ସଭ୍ୟ ନକୁଳ ଭତ୍ରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ, ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝି, ଉମରକୋଟ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା ପରିଚାଳକ ପ୍ରମୁଖ ଉପସ୍ଥିତ



ଥିଲେ।ଏହି ଶାଖାରେ ନୂଆ ଆକାଉଣ୍ଟ ଖୋଲିବା, ଋଣ ପ୍ରଦାନ କାର୍ଯ୍ୟ ହେବା ସହ ଲୋକଙ୍କୁ ଆଉ ଦଲାଲଙ୍କ ସମ୍ମୁଖୀନ ହେବାକୁ ପଡିବ ନାହିଁ ବୋଲି ବ୍ଲକ ଅଧକ୍ଷା ମତ ଦେଇଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଦ୍ୱାରା ଏହି ସେବା ଆରମ୍ଭ ହେଇଛି। ଲୋକମାନେ ଏଣିକି ସହରକୁ ନ ଯାଇ ମଧ୍ୟ ବ୍ୟାଙ୍କିଙ୍ଗ ସେବା ପାଇପାରିବେ। ବୃଦ୍ଧ, ବୃଦ୍ଧି ଦିବ୍ୟାଙ୍ଗ ବ୍ୟକ୍ତି ଏଥିରେ ବିଶେଷଭାବେ ଉପକୃତ ହୋଇ ପାରିବେ ବୋଲି ଅତିଥିମାନେ କହିଛନ୍ତି।

# ୧,୫୯,୧୧୬ ଶିଶୁ ନେବେ ପୋଲିଓ ବୁନ୍ଦା

- ୩ରେ ଜିଲାସ୍ତରୀୟ ପୋଲିଓ ଦିବସ
- ୬୦୦ ଶିବିରରେ ପୋଲିଓ ଟିକାକରଣ

ନବରଙ୍ଗପୁର,୨୯।୨(ସଦାଶିବ ପ୍ରହରାଜ)




ଜିଲାପାଳ ଓ ଅଧିକାରୀମାନେ ବୈଠକରେ ଆଲୋଚନା କରୁଛନ୍ତି ।

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଜିଲା ଟ୍ୟାକ୍ସ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ନବରଙ୍ଗପୁର ଜିଲାରେ ପୋଲିଓ ଦିବସ ପାଳନ କରାଯିବ। ଏହା ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବୈଠକରେ ସ୍ଥିର ହୋଇଛି। ଭାରତ ପୋଲିଓ ମୁକ୍ତ । କିନ୍ତୁ ପୋଲିଓ ଏବେ ମଧ୍ୟ ଅନେକ ଦେଶରେ ଅଛି, ଯାହାକି ପୁନର୍ବାର ଫେରିପାରେ। ତେଣୁ ପିଲାଙ୍କ ସୁରକ୍ଷାରେ କୌଣସି ପ୍ରକାର ହେଳା ନ କରି ୦ରୁ ୫ବର୍ଷର ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରତ୍ୟେକ ଥର ନିଶ୍ଚିନ୍ତ ଦିଅନ୍ତୁ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି। ନିର୍ଦ୍ଧାରିତ ତାରିଖରେ ଯେପରି ସମସ୍ତ ଶିଶୁ ପୋଲିଓ ବୁନ୍ଦା ପାଇପାରିବେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

୩ ତାରିଖରେ ସମସ୍ତ ପୋଲିଓ ବୁଥ୍‌ରେ ଏବଂ ମାର୍ଚ୍ଚ ୪ ଓ ୫ରେ ଗୃହ ପରିଦର୍ଶନ ବ୍ୟବସ୍ଥା ମାଧ୍ୟମରେ ପୋଲିଓ ବୁନ୍ଦା ଦିଆଯିବ। ଜିଲାର ୧ଲକ୍ଷ ୫୯ ହଜାର ୧୧୬ ଶିଶୁ ପୋଲିଓ ବୁନ୍ଦା ଖାଇବେ। ଜିଲାର ୧୦ବ୍ଲକ ଓ ୨ ମ୍ୟୁନିସିପାଲିଟିରେ ୬୦୦ ଶିବିର ମାଧ୍ୟମରେ ପୋଲିଓ ବୁନ୍ଦା ଦିଆଯିବ। ଏହାର ନିରୀକ୍ଷଣ ନିମନ୍ତେ ୧୦୫ଟି ବ୍ଲକସ୍ତରୀୟ, ୧୨ଟି ଜିଲାସ୍ତରୀୟ ଓ ଗୋଟିଏ ରାଜ୍ୟସ୍ତରୀୟ ଟିମ୍ ଗଠନ କରାଯାଇଛି। ଜିଲାର ଦୁର୍ଗମ ଅଞ୍ଚଳରେ ପୋଲିଓ ଟିକାକରଣ ନେଇ ୫୫ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଏନେଇ ଆଶା, ଏଏନ୍‌ଏମ୍, ଅଙ୍ଗନୱାଡି କର୍ମୀଙ୍କୁ ନେଇ ୧୨୦୦ଟି ଟିମ୍ ଗଠନ କରାଯାଇଛି। ବୈଠକରେ ଡିପିଏଚ୍‌ଓ ଡ. ନବକିଶୋର ବେହେରା, ଏଡିଏମ୍‌ଓ ଡ. ସୁକାନ୍ତ ଶତପଥୀ, ଡିଏସ୍‌ପି ରାଜକିଶୋର ଦାସ, ଡିଆଇପିଆରଓ ହଳଧର ନିଆଲ, ଏଡିଇଓ ବିଶ୍ୱନାଥ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣ ନିର୍ବାଚନ ପ୍ରସ୍ତୁତି ନେଇ ତାଲିମ

ନବରଙ୍ଗପୁର,୨୯।୨(ସଦାଶିବ ପ୍ରହରାଜ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଏଥି ନିମନ୍ତେ ମାନବ ସମ୍ବଳ ପରିଚାଳନା ନେଇ ୪ ଦିନିଆ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ କରାଯାଇଛି। ଜିଲାସ୍ତରୀୟ ଏହି ତାଲିମ ଶିବିର ୨୬ରୁ ପର୍ଯ୍ୟାୟକ୍ରମେ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ପ୍ରଥମ ଦିନରେ ଏଫ୍‌ଏସ୍‌ଟି, ଏସ୍‌ଏସ୍‌ଟି, ଭିଏସ୍‌ଟି, ଭିଭିଟି, ଆକାଉଣ୍ଟିଂ ଟିମ୍, କମ୍ପ୍ଲେନ୍ ମନିଟରିଂ, କଂଟ୍ରୋଲରୁମ ଟିମ୍, ସହାୟକ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ସାଧାରଣ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ କାର୍ଯ୍ୟ ଓ ଦାୟିତ୍ୱ ତୁଲାଇବା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଦ୍ୱିତୀୟ ଦିନରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏମ୍‌ସିସିଟି ଟିମ୍, ଏମ୍‌ସିଏମ୍‌ସି ଟିମ୍‌କୁ ନିର୍ବାଚନ ସଂକ୍ରାନ୍ତୀୟ ଦାୟିତ୍ୱ ତୁଲାଇବା ଓ ତୃତୀୟ ଦିନରେ ପୋଲିସ ସେକ୍ଟର ଅଫିସର ଓ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା। ନିର୍ବାଚନ ସୁପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ସେକ୍ଟର ଅଫିସରଙ୍କୁ ଶେଷ ଦିନରେ ତାଲିମ ଦିଆଯାଇଛି। ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ନିର୍ବାଚନ ଆୟୋଗଙ୍କ ନିୟମାନୁଯାୟୀ ନିଜର ପ୍ରସାର ପ୍ରଚାର କରିବା ପାଇଁ ପରାମର୍ଶ ଦିଆଯାଇଛି। ରାଜନୈତିକ ଦଳର ପ୍ରାର୍ଥୀ ନିର୍ବାଚନ ସମୟରେ ଖବର କାଗଜ, ବୈଦ୍ୟୁତିକ ଗଣମାଧ୍ୟମରେ ନିଜର ପ୍ରସାର ପ୍ରଚାର ପାଇଁ ବିଜ୍ଞାପନ ଦେବା ପୂର୍ବରୁ ଏମ୍‌ସିଏମ୍‌ସି କମିଟି ପାଖର ଆବେଦନ କରିପାରିବେ ବୋଲି ଆଲୋଚନା ହୋଇଛି। ୪ ଦିନ ଧରି ଜିଲା ପଞ୍ଚାୟତ ସାଧନା କେନ୍ଦ୍ରରେ ଅନୁଷ୍ଠିତ ତାଲିମ ଶିବିରରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଡ. କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ, ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ପି.ମନୋସ୍ମିତା, ପିଏ ଆଇଟିଡିଏ ରାଜୀବ ସାହୁଙ୍କ ସମେତ ସମସ୍ତ ମାଷ୍ଟର ଟ୍ରେନର ତାଲିମ ପ୍ରଦାନ କରିଥିଲେ। ଜିଲାର ସମସ୍ତ ବିଡିଓ, ତହସିଲଦାର, ପୋଲିସ ଅଧିକାରୀଙ୍କ ସହିତ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ।

## ସହରାଞ୍ଚଳ ରୂପାନ୍ତରଣ ଯୋଜନାରେ ପ୍ରକଳ୍ପ ଲୋକାର୍ପିତ



ଉମରକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଉମରକୋଟ, ୨୯।୨(ସନ୍ତୋଷ ଶତପଥୀ)

୫-ଟି ଆଧାରରେ ସହରାଞ୍ଚଳ ରୂପାନ୍ତରଣ ଯୋଜନାରେ ସହରବାସୀଙ୍କ ନିମନ୍ତେ ବିଭିନ୍ନ ସୁବିଧା ଓ ସେବା ଉତ୍ସର୍ଗ କାର୍ଯ୍ୟକ୍ରମର ସିଧାପ୍ରସାରଣ ଉମରକୋଟ ପୌର ପରିଷଦସ୍ଥିତ ରାମମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉମରକୋଟ ସହର ୬ନମ୍ବର ୱାର୍ଡରେ ନିର୍ମାଣ ହୋଇଥିବା ମିନି ପାର୍କ, ୧୨ ନମ୍ବର ୱାର୍ଡରେ ମୁକ୍ତାକାଶ ବ୍ୟାୟାମଶାଳ, ୫ ନମ୍ବର ୱାର୍ଡର ଶିଶୁ କ୍ରୀଡ଼ା ଉଦ୍ୟାନ ଏବଂ ଭାସ୍କେଲ ଡ୍ୟାମ୍‌ରୁ ପୌରାଞ୍ଚଳକୁ ପାଇପ ଯୋଗେ ଜଳ ଯୋଗାଣ କାର୍ଯ୍ୟର ଶୁଭ ଉଦ୍‌ଘାଟନ କରିଛନ୍ତି। ଉମରକୋଟ ପୌର ପରିଷଦ ଓ ଜନସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପୌରାଧକ୍ଷା ରାଧା ଭତ୍ରା ମୁଖ୍ୟ ଅତିଥି, ଉପାଧକ୍ଷ ସୁଧାଂଶୁ ଦାସ, କାଉନସିଲର ସାଇନାରାୟଣ ପାଢ଼ୀ, ନେତ୍ର ହରିଜନ,ସରୋଜିନୀ ଶବର, ଚିତ୍ତରଞ୍ଜନ ପାତ୍ର, ମନୋଜ ନାୟକ ଓ ଜନ ସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ହରପ୍ରିୟା ପାତ୍ର, ମୁକ୍ତା ଟିମ୍ ଉପସ୍ଥିତ ଥିଲେ। ପୌର ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୌର ପରିଷଦର ୧୪ ୱାର୍ଡରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

## ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ

ନବରଙ୍ଗପୁର,୨୯।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଚିରଲିଆମ୍ବଗୁଡ଼ାରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜିଲା ନେହେରୁ ଯୁବା କେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଅଧକ୍ଷ ବିନୋଦ ବିହାରୀ ବେହେରା ଓ ଜିଲା ଯୁବ ଅଫିସର ବି. ରମେଶ ସମସ୍ତ ଅତିଥି ଓ ବକ୍ତାଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସହକାରୀ ପ୍ରଫେସର ଡ. ସଂଯୁକ୍ତା ନାୟକଙ୍କ ନେତୃତ୍ୱ ରେ ଏକ ମକ ପାର୍ଲାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ମାନେ ଉଭୟ ଶାସକ ଓ ବିରୋଧୀ ଦଳ ଭୂମିକା ସମ୍ପାଦନ କରିଥିଲେ। ସିଆରପିଏଫ୍ କମାଣ୍ଡାଣ୍ଟ ଏନ୍. କେ. କେ. ପ୍ରସାଦ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି, ଡ. ବିଜୟ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦେଶ ଗଠନରେ ସାମିଲ ହେବାକୁ ଉତ୍ସାହିତ କରିଥିଲେ। ଯୁବ ବୟସ ଦେଖିଥିବା ସ୍ୱପ୍ନକୁ ସାକାର କରିବାର ଉପଯୁକ୍ତ ସମୟ ବୋଲି



ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲ କହିଥିଲେ। ଯୁବଗୋଷ୍ଠୀଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜିଲା ନେହେରୁ ଯୁବ କେନ୍ଦ୍ରର ଅଫିସର୍ ବି. ରମେଶ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଜିଭିଭି ରଞ୍ଜିତା ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ସାମିଲ ହୋଇ ଏହାକୁ ସଫଳ କରିଥିଲେ।

## ଭାଜପାର ମିଶ୍ରଣ ପର୍ବ



ନୂତନ କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

ଉମରକୋଟ, ୨୯।୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ସ୍ୱର୍ଣ୍ଣପୁରୀ ୟୁଭି-୫୫ ଗ୍ରାମରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଲୋକ ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଭାଜପାରେ ମିଶିବା ସହ ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ ଦେବୁ ବୋଲି ନୂତନ କର୍ମୀମାନେ କହିଛନ୍ତି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ମହିଳା ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ, ସଂଯୋଜକ ସୁରେଶ ଆଚାର୍ଯ୍ୟ, ଉମରକୋଟ ପ୍ରଭାରୀ ସୀମାଞ୍ଚଳ ମଲ୍ଲିକ, ବୁର୍ଜା ମଣ୍ଡଳ ସଭାପତି ଭୋଜନାଥ ଗଣ୍ଡ, ନଗର ସାଧାରଣ ସମ୍ପାଦକ ପ୍ରଭାତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦେଇଥିଲେ ମାନସ ଦାସ ମଞ୍ଚ ପରିଚାଳନା କରିଥିଲେ।

## ୩ ବ୍ଲକ୍‌ର ୫ ଏସ୍‌ଏଚ୍‌ଜିଙ୍କୁ ଛେଳି ପାଳନ କାର୍ଯ୍ୟାଦେଶ

ନବରଙ୍ଗପୁର,୨୯।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଆଇଟିଡିଏ ପକ୍ଷରୁ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ କରାଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି, ନବରଙ୍ଗପୁରର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ, ଓରମାସ୍ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ମହେଶ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ବିଡିଓ ଅଗ୍ରଗାମୀ ନିର୍ଦ୍ଦେଶକ ଜଗନ୍ନାଥ ଜେନା, ଆର୍‌ସିଡିସିର ପ୍ରତିନିଧି ଏବଂ ଗୋଟ ଟ୍ରଷ୍ଟ ପ୍ରତିନିଧି ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଏଠାରେ ନବରଙ୍ଗପୁର, ନନ୍ଦାହାଣ୍ଡି ଏବଂ ତେନ୍ତୁଳିଖୁଣ୍ଟି ବ୍ଲକର ୫ ଆଦିବାସୀ ଏସ୍‌ଏଚ୍‌ଜିଙ୍କୁ ଛେଳି ପାଳନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।

ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟରେ ୫ ଏସ୍‌ଏଚ୍‌ଜିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଚଳିତ ବର୍ଷ ଅବଶିଷ୍ଟ ୯୫ ଏସ୍‌ଏଚ୍‌ଜିଙ୍କୁ କାର୍ଯ୍ୟାଦେଶ ମିଳିବ। ପ୍ରତି ଏସ୍‌ଏଚ୍‌ଜିଙ୍କୁ ଛେଳି ପାଳନ ନିମନ୍ତେ ଛେଳି ଗୃହ, ୩୨ଟି ଛେଳି, ଟିକାକରଣ ସହିତ ଆବଶ୍ୟକ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି। ଜିଲାର ୩୦୦ ଆଦିବାସୀ ଏସ୍‌ଏଚ୍‌ଜିଙ୍କୁ ଛେଳି ପାଳନ ନିମନ୍ତେ ସହାୟତା ପାଇଁ ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ରାଶି ୩ବର୍ଷରେ ବିନିଯୋଗ କରାଯିବ। କାର୍ଯ୍ୟକ୍ରମକୁ ନବରଙ୍ଗପୁରର ଆଇଟିଡିଏ ପ୍ରକଳ୍ପ ପ୍ରବନ୍ଧକ ଗୋବିନ୍ଦ କୁମାର, କୃଷିବିତ୍ ସୁଶୀଲ କୁମାର ମେହେର, ବ୍ଲକ କ୍ଷେତ୍ର ବିଶେଷଜ୍ଞ ସରିତା ମିଶ୍ର ଏବଂ ସୋମଦର୍ଶିନୀ ପ୍ରଧାନ ପରିଚାଳନା କରିଥିଲେ।

## ମେଦନାରେ ଆମ ବ୍ୟାଙ୍କ ସେବା ଲୋକାର୍ପିତ

ଡାବୁଗାଁ, ୨୯।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)



ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ସନ୍ଧ୍ୟାରେ ଆମ ବ୍ୟାଙ୍କ ସେବା ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ମେଦନା ସରପଞ୍ଚ ସୁମିତ୍ରା ମାଝି, ସମିତିସଭ୍ୟା ଉମାବତୀ ଭତରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ହିରେଣ୍ୟ ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜିଲାର ୬୦ ପ୍ରତିଶତ ଗର୍ଭବତୀ ରକ୍ତହିନତାର ଶିକାର

ନବରଙ୍ଗପୁର,୨୯।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ମହିଳା ଓ ଶିଶୁମାନେ ରକ୍ତ ହିନତାରେ ଶିକାର ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଗର୍ଭବତୀଙ୍କ ସଂଖ୍ୟା ଅଧିକ। ନବରଙ୍ଗପୁର ରକ୍ତ ଭଣ୍ଡାରରୁ ପ୍ରତିଦିନ ୨୫ ୟୁନିଟରୁ ଅଧିକ ରକ୍ତ ରୋଗୀଙ୍କୁ ଚଢ଼ାଯାଏ। ସେ ସବୁର ପ୍ରାୟ ୯୦ ପ୍ରତିଶତ ରକ୍ତ ହିନତାରେ ଶିକାର ହୋଇଥିବା ମହିଳା ଓ ଶିଶୁଙ୍କୁ ଦିଆଯାଏ। ରକ୍ତ ନେଉଥିବା ମହିଳାଙ୍କ ମଧ୍ୟରୁ ୭୦ ପ୍ରତିଶତ ଗର୍ଭବତୀ।

ସାଧାରଣତଃ ସୁସ୍ଥ ମହିଳାଙ୍କ କ୍ଷେତ୍ରରେ ଶରୀରରେ ହିମୋଗ୍ଲୋବିନ ୧୧.୫ ଆବଶ୍ୟକ। ପୁରୁଷଙ୍କ କ୍ଷେତ୍ରରେ ଏହାର ସଂଖ୍ୟା ୧୨ ଗ୍ରାମ ଆବଶ୍ୟକ ପଡିଥାଏ। ଯେଉଁ ମହିଳାମାନଙ୍କୁ ଡାକ୍ତରଖାନାରେ ରକ୍ତ ଆବଶ୍ୟକ ପଡିଥାଏ ସେମାନଙ୍କର ହିମଗ୍ଲୋବିନ ୨ ରୁ ୮ ମଧ୍ୟରେ ରହିଥାଏ। ତେବେ ନବରଙ୍ଗପୁର ଜିଲାରେ ଆବଶ୍ୟକ ଅନୁଯାୟୀ ରକ୍ତଦାନ ଶିବିର ଆୟୋଜନ ହୋଇପାରୁନଥିବାରୁ ସବୁବେଳେ ରକ୍ତର ଅଭାବ ଦେଖାଦେଇଥାଏ। ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ଆସିଥିବା ମହିଳାଙ୍କ ପରିବାର ରକ୍ତ ଯୋଗାଡ ପାଇଁ ନୟାନ୍ତ ହେଉଛନ୍ତି। ପୁଷ୍ଟିକର ଖାଦ୍ୟର ଅଭାବ, ସିକିଲସେଲ ଓ ଥାଲେସିମିଆ ରୋଗରକ୍ତହିନତାର ମୁଖ୍ୟ କାରଣ। ପୁଷ୍ଟିହୀନତାକୁ ଦୁର କରିବା ପାଇଁ ଗତବର୍ଷ ପ୍ରଶାସନ ପକ୍ଷରୁ ପୁଷ୍ଟିକର ବଗିଚା ନିର୍ମାଣ କରାଯାଇଥିଲା। ପୁଷ୍ଟିକର ଖାଦ୍ୟ ପାଇଁ ଗ୍ରାମରେ ରହୁଥିବା ପ୍ରତି ବାରିରେ ଚାରା ରୋପଣ କରି ତାହାକୁ ଖାଦ୍ୟଭାବେ ବ୍ୟବାହାର କରିବା ଏହି ଯୋଜନାର ଲକ୍ଷ୍ୟ ରହିଥିଲା। ତେବେ ଏହି ଯୋଜନା ଏବେ ବନ୍ଦ ହୋଇ ରହିଛି।

ଡିମଡ ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ପପୁଲେସନ ସାଇନସେସ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ହୋଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସେର୍ଭର(ଏନଏଫଏଚଏସ-୫)ର ରିପୋର୍ଟ ଅନୁଯାୟୀ ଜିଲାର ୬ ମାସରୁ ୬ବର୍ଷ ମଧ୍ୟରେ ୧୧ରୁ କମ୍ ହିମୋଗ୍ଲବିନ ଥିବା ଶିଶୁଙ୍କ ହାର ୭୦ ପ୍ରତିଶତ। ସେହିପରି ୧୧ ଗ୍ରାମ ହିମୋଗ୍ଲବିନ ରୁ କମ ଥିବା ୧୫ ରୁ ୫୦ ବର୍ଷ ମଧ୍ୟରେ ଗର୍ଭବତୀଙ୍କ ହାର ୬୦ ପ୍ରତିଶତ ରହିଥିଲା। ଉକ୍ତ ସଂସ୍ଥା ପକ୍ଷରୁ ଗତ ୨୦୨୦ରୁ ୨୦୨୧ ମଧ୍ୟରେ ରାଜ୍ୟର ପ୍ରତି ଜିଲାରେ ଏକ ସର୍ଭେ ହୋଇଥିଲା। ନବରଙ୍ଗପୁର ଜିଲାର ୧୨୯ ଗାଁରେ ରହୁଥିବା ପରିବାରଙ୍କ ସ୍ୱାସ୍ଥ୍ୟ, ରୋଗ ପ୍ରତିରୋଧକ ଶକ୍ତି, ରକ୍ତ ହୀନତା, ଟିକାକରଣ, ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ସେବାରୁ ପ୍ରସବ ପର୍ଯ୍ୟନ୍ତ ସମସ୍ତ ତଥ୍ୟ, କିଶୋରୀଙ୍କ ହାଇଜେନିକ, ପରିବାର କଲ୍ୟାଣ ଅସ୍ତ୍ରୋପଚାର, ବାଳିକା ଓ ମହିଳା ଶିକ୍ଷା, ବୈବାହିକ ବୟସ, ପୁରୁଷ ଓ ମହିଳା ଅନୁପାତ ଆଦି ବିଭିନ୍ନ ଇଣ୍ଡିକେଟେରକୁ ନେଇ ତଥ୍ୟ ସଂଗ୍ରହ କରାଯାଇଥିଲା। ଏହି ରିପୋର୍ଟକୁ ଆଧାର କରି ହିଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଅଞ୍ଚଳର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନା ପ୍ରସ୍ତୁତ କରିଥାନ୍ତି। ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହାଙ୍କୁ ପଚାରିବାରୁ ଗର୍ଭବତୀଙ୍କ ପାଖରେ ରକ୍ତହିନତାକୁ ସେ ସ୍ୱୀକାର କରିଥିଲେ। ସେମାନଙ୍କୁ ଆଇରନ ବଟିକା ଦିଆଯାଉଛି। କିନ୍ତୁ ଗର୍ଭବତୀମାନେ ତାହାକୁ ଖାଉ ନ ଥିବା ଏବଂ ପୁଷ୍ଟିକର ଖାଦ୍ୟର ଅଭାବକୁ ସେ ଦାୟୀ କରିଥିଲେ। ମହିଳାମାନଙ୍କୁ ଏ ଦିଗରେ ସଚେତନ କରିବାକୁ ସିଡିପିଓ, ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀଙ୍କୁ ଚିଠି କରାଯିବ ବୋଲି ସେ କହିଛନ୍ତି।

## ୧୦୦ ଦିନର କାର୍ଯ୍ୟ ପୂରଣ କରିଛନ୍ତି ୨୫୪୩ ପରିବାର

- ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ବ୍ଲକ୍‌ସ୍ତରୀୟ ଜନଶୁଣାଣି
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସୃଷ୍ଟି କରାଯାଇଛି ୭,୭୦,୨୨୪ କାର୍ଯ୍ୟ ଦିବସ

ଡାବୁଗାଁ, ୨୯।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)




ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧି।

ଏପ୍ରିଲରୁ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଉପରେ ନବରଙ୍ଗପୁର ଜିଲା ଡାବୁଗାଁରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର କରାଯାଇଛି। ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକଙ୍କ ଅଧକ୍ଷତାରେ ଏହି ବୈଠକ କରାଯାଇଛି। ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଜୋନ୍-୨ ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ଜନଶୁଣାଣି କମିଟି ସଭ୍ୟ ସୁରେନ୍ଦ୍ର ମିଶ୍ର, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ବ୍ଲକ ସାମାଜିକ ସମୀକ୍ଷକ ସାରଦା ତ୍ରିପାଠୀ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଯୋଗାଣ ନିରୀକ୍ଷକ ରାମଚନ୍ଦ୍ର ଖିଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ, ସହକାରୀ ଉଦ୍ୟାନ ଅଧିକାରୀ ରବିଚନ୍ଦ୍ର ପଣ୍ଡା, ମୃତ୍ତିକା ସଂରକ୍ଷଣ ରେଞ୍ଜର ଗୌତମ ସେଠୀ, ବନରକ୍ଷୀ ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବ୍‌କାର୍ଡଧାରୀ ଶ୍ରମିକ କେତେଦିନ କାର୍ଯ୍ୟ କରିଛନ୍ତି, ମଜୁରି ପାଇଛନ୍ତି କି ନାହିଁ, ହିତାଧିକାରୀ ସମ୍ପୂର୍ଣ୍ଣ ଅର୍ଥ ପାଇଛନ୍ତି କି ନାହିଁ ତାହାର ସମୀକ୍ଷା କରାଯାଇଥିଲା। ଏପ୍ରିଲରୁ ସେପ୍ଟେମ୍ବର ୨୦୨୩ ମଧ୍ୟରେ ୧୮ କୋଟି ୭୫ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟ କରାଯାଇଛି। ସେପ୍ଟେମ୍ବର ସୁଦ୍ଧା ୧୦ ଲକ୍ଷ କାର୍ଯ୍ୟ ଦିବସ ଟାର୍ଗେଟ ଦିଆଯାଇଥିବାବେଳେ ୭ ଲକ୍ଷ ୭୦ ହଜାର ୨୨୪ଟି କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଛି। ୨୫୪୩ ପରିବାର ୧୦୦ ଦିନର କାର୍ଯ୍ୟ ପୂରଣ କରିଛନ୍ତି । ୨୮୦୨ ପ୍ରକଳ୍ପରୁ ୫୯୫ଟି ସମ୍ପୂର୍ଣ୍ଣ କରାଯାଇଥିବା ସୂଚନା ମିଳିଛି। କେତେକ ସ୍ଥାନରେ କାମ ଚାଲିବା ବେଳେ ସୂଚନା ଫଳକ ଲଭାଯାଉନାହିଁ। ଏ ଦିଗରେ ଦୃଷ୍ଟିଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ ସମୀକ୍ଷାରେ ଦେଖାଯାଇଥିବା ତ୍ରୁଟିର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ନବରଙ୍ଗପୁର ଜିଲା ପରିଷଦ ଜିଲା ସାମାଜିକ ସମୀକ୍ଷକ ବୈବସୂତ ଚାଲାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବିକାସେବକ ଓ ଜବ୍‌କାର୍ଡଧାରୀ ଶ୍ରମିକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ବିଦ୍ୟାଧର ବିଷୋୟୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଭୂ-ଉଚ୍ଚ ଜଳଭଣ୍ଡାର ପ୍ରକଳ୍ପର ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

ଜୟପୁର, ୨୯।୨ (ପବନ ପାଣିଗ୍ରାହୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରେନ୍ସି ଜରିଆରେ ସହରବାସୀଙ୍କ ପାଇଁ ବିଭିନ୍ନ ସୁବିଧା ଓ ସେବା ଉତ୍ସର୍ଗକରି ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି । ଜୟପୁର ଟାଉନ ହଲ୍‌ଠାରେ ଏହାର ସିଧା ପ୍ରସାରଣ କରାଯାଇଥିଲା। ପୌରପାଳିକାର ଜଳ ଯୋଗାଣ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଜୟନଗରଠାରେ ନିର୍ମିତ ୨.୨୭ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଭୂ- ଉଚ୍ଚ ଜଳଭଣ୍ଡାର ପ୍ରକଳ୍ପର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀ କରିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଜଳ ଯୋଗାଣ ଉନ୍ନତୀକରଣ ପ୍ରକଳ୍ପରେ ୨୨୦୯.୨୦ ଲକ୍ଷ ଟଙ୍କା ବ୍ୟୟ ହେବ। କାର୍ଯ୍ୟକ୍ରମରେ ପିଏଚ୍‌ଡିର ସହକାରୀ ଯନ୍ତ୍ରୀ ଗୌରବ କାଲୋ, ସ୍ୱଚ୍ଛସାଥୀ, ଜଳସାଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ୬ ବର୍ଷର ଶିଶୁକୁ ବଳାତ୍କାର, ଯୁବକ ଗିରଫ

ଜୟପୁର, ୨୯।୨ (ପବନ ପାଣିଗ୍ରାହୀ)

ଜଣେ ୬ ବର୍ଷର ଶିଶୁକନ୍ୟାକୁ ବଳାତ୍କାର କରାଯାଇଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଦୀପକ ହରିଜନ (୨୪) । ଶିଶୁ କନ୍ୟାଙ୍କ ବାପା କାମକୁ ଯାଇଥିବା ବେଳେ ମା' ଲୁଗା ସଫା କରୁଥିଲେ । ଏହି ସମୟରେ ଘର ବାହାରେ ଖେଳୁଥିବା ଶିଶୁକନ୍ୟାଙ୍କୁ ଅଭିଯୁକ୍ତ ଜଣକ ମୋବାଇଲରେ କାର୍ଟୁନ ଦେଖାଇବା ଆଳରେ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ସେଠାରୁ ଫେରି ଶିଶୁକନ୍ୟା ଜଣକ ତାଙ୍କ ମା'ଙ୍କୁ ସବୁ କଥା କହିଥିଲେ। ପରେ ପରିବାର ପକ୍ଷରୁ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଶିଶୁକନ୍ୟାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। ଅଭିଯୁକ୍ତର ଡାକ୍ତରୀ ପରୀକ୍ଷାକରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

### ଜାଗା ମିଶନରେ ଏସ୍‌ଡିଏ ସଦସ୍ୟଙ୍କୁ ତାଲିମ

କୋରାପୁଟ,୨୯।୨(ଅମିତାଭ ବେହେରା)

ଜାଗା ମିଶନ ଯୋଜନା ଉପରେ ୪ ଜିଲାର ବସ୍ତି ବାସିନ୍ଦା ସଂଘ(ଏସ୍‌ଡିଏ)ର ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ନେଇ ଏକ ତାଲିମ ଶିବିର ଗାନ୍ଧୀନଗର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନକରି ରାଜ୍ୟ ସରକାରଙ୍କ ଏହି ଜନକଲ୍ୟାଣ ଯୋଜନା ଜାଗା ମିଶନର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ଟାଲି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱରୂପା ସ୍ୱାଇଁ ଓ ଆଶୁତୋଷ ଦାସ ତାଲିମ ଦେଇଥିଲେ। କୋରାପୁଟ ଜିଲାର ଜୟପୁର, କୋରାପୁଟ, ସୁନାବେଡ଼ା, କୋଟପାଡ ପୌରାଞ୍ଚଳ, ମାଲକାନଗିରି ଜିଲାର ବାଲିମେଳା ଓ ମାଲକାନଗିରି, ନବରଙ୍ଗପୁର ଜିଲାର ଉମରକୋଟ ଓ ନବରଙ୍ଗପୁର, ଏବଂ ରାୟଗଡ଼ାର ଗୁଣପୁର ଓ ରାୟଗଡ଼ା ପୌର ପରିଷଦର ଏସ୍‌ଡିଏ ସଦସ୍ୟସଦସ୍ୟାମନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଏମ୍‌ଏମ୍‌ୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ।

### ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ବିଜ୍ଞାନମେଳା



କୋରାପୁଟ,୨୯।୨(ଅମିତାଭ ବେହେରା)

କୋରାପୁଟର ସରକାରୀ ମହାବିଦ୍ୟାଳୟଠାରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ପ୍ରାଣୀ ବିଭାଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାଣୀବିହାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସୁଶୀଲ ଗଡନାୟକଙ୍କ ସହ ଅଧ୍ୟାପିକା ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତି ଥିଲେ। ମେଳାରେ ୩୦ଟି ମଡେଲ , ସ୍ପେସିମେନ ଓ ପ୍ରଦର୍ଶିକା ପ୍ରଦର୍ଶିତ ହୋଇଥିଲା। ଆଶୁତୋଷ ମହାରଣା, ଭାଗ୍ୟଲକ୍ଷ୍ମୀ ରଣା, ବିବିତା ପାତ୍ର,ନେହା ଗୁରୁ ପ୍ରମୁଖ ଛାତ୍ରୀ ଛାତ୍ର ପରିଚାଳନା କରିଥିଲେ।

# ୩୦୮ ନିର୍ମାଣ ଶ୍ରମିକଙ୍କୁ ସହାୟତା

କୋରାପୁଟ/କୋଟପାଡ଼,୨୯।୨
(ଅମିତାଭ ବେହେରା/କେ. ରାଜଶେଖର ରାଓ)




ସହାୟତା ରାଶି ପାଇଥିବା ନିର୍ମାଣ ଶ୍ରମିକମାନେ।

କୋରାପୁଟ ଜିଲା ପ୍ରଶାସନ, ଓ ଜୟପୁର ଶ୍ରମ ବିଭାଗ ପକ୍ଷରୁ ଗୁରୁବାର କୋଟପାଡ଼ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ନିର୍ମାଣ ଶ୍ରମିକ ସହାୟତା ରାଶି ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପଦ୍ମିନୀ ଦିଆନ ଯୋଗଦେଇ ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରକାରର ସହାୟତା ସମ୍ପର୍କରେ ଅବଗତ କରାଇଥିଲେ। ଯେଉଁମାନେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକରଣ କରିନାହାନ୍ତି ସେମାନଙ୍କୁ ଶୀଘ୍ର ପଞ୍ଜୀକରଣ କରି ସରକାରଙ୍କ ମିଳୁଥିବା ବିଭିନ୍ନ ସୁବିଧା ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମଝି, କୋଟପାଡ ଏନ୍‌ଏସି ଅଧ୍ୟକ୍ଷ ଏମ୍. ଶଙ୍କର ରାଓ, ଉପାଧ୍ୟକ୍ଷ ଏମ୍. ସନ୍ତୋଷୀ, ବ୍ଲକ ଅଧ୍ୟକ୍ଷ କମଳ ଭତରା ଯୋଗଦେଇଥିଲେ । ସଭାରେ ଜୟପୁର ଯୁଗ୍ମ ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କୋଟପାଡ଼ ଓ ବୋରିଗୁମ୍ମା ଅଞ୍ଚଳର ୩୦୮ ଜଣ ହିତାଧିକାରୀଙ୍କ ୨କୋଟି ୧୬ ଲକ୍ଷ, ୬୫ ହଜାର ୪୦୦ ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଥିଲା। ଶିକ୍ଷା ସହାୟତା ବାବଦକୁ ୪୯ ଜଣଙ୍କୁ, ବିବାହ ସହାୟତା ବାବଦକୁ ୬୪ ଜଣଙ୍କୁ, ପ୍ରସୂତିକାଳୀନ ସହାୟତା ବାବଦକୁ ୧୭ ଜଣଙ୍କୁ, ମୃତ୍ୟୁକାଳୀନ ସହାୟତା ବାବଦକୁ ୮୯ ଜଣଙ୍କୁ ଓ ଅନ୍ତ୍ୟେଷ୍ଟିକ୍ରିୟା ବାବଦକୁ ୮୯ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ, ପରିଚାଳନା କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ନରେନ୍ଦ୍ର ରାଇକା ଉପସ୍ଥିତ ଥିଲେ। ସହକାରୀ ଶ୍ରମ ଅଧିକାରୀ ବୁଲୁ ଶ୍ରୀହରିଆ ଧନ୍ୟବାଦ ଦେଇଥିଲେ।

# ନବ ବିବାହିତାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ସୁନାବେଡା,୨୯।୨(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ଏଇଏଫ୍ ମାର୍କେଟସ୍ଥିତ ହନୁମାନ ବଜାର କଲୋନିରେ ଜଣେ ନବ ବିବାହିତା ମହିଳା ବେକରେ ଶାଢ଼ିରେ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜାମି ସନ୍ତୋଷ ରାଓଙ୍କ ସ୍ତ୍ରୀ ଜାମି ହାରିକା(୨୦) । ହାରିକା ଗତ ଡିସେମ୍ବର ୧୭ରେ ସନ୍ତୋଷଙ୍କୁ ବିବାହ କରିଥିଲେ । ବୁଧବାର ସନ୍ଧ୍ୟା ୬ଟା ବେଳେ ସନ୍ତୋଷ ସବୁଦିନ ପରି ନିଜ ବ୍ୟବସାୟ କାମରେ ବାହାରକୁ ଚାଲିଯାଇଥିଲେ । ତାଙ୍କ ମା' ସାନ୍ଧ୍ୟ ଭ୍ରମଣରେ ଯାଇଥିଲେ। ଘରେ କେହି ନ ଥିବା ବେଳେ ହାରିକା ଆତ୍ମହତ୍ୟା କରିଥିଲେ । ମା' ଫେରି ଘର କବାଟ ଭିତରୁ ବନ୍ଦ ରହିଥିବା ଦେଖି ଡାକିଥିଲେ। ହେଲେ କୌଣସି ଉତ୍ତର ନ ପାଇବାରୁ ପାଖ ପଡ଼ୋଶୀଙ୍କ ସହାୟତାରେ ଘରପଛ କବାଟ ଭାଙ୍ଗି ଭିତରକୁ ପଶି ବୋହୂ ବେକରେ ଶାଢ଼ି ବାନ୍ଧି ଝୁଲୁଥିବା ଦେଖିଥିଲେ । ଏନେଇ ସେ ସୁନାବେଡ଼ା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ସୁନାବେଡା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ଏଏସ୍‌ଆଇ ବାଳକୃଷ୍ଣ ରଥ,ଏଏସ୍‌ଆଇ ରାମଚନ୍ଦ୍ର ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଜବତକରି ହାରିକାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ହାରିକାଙ୍କ ବାପା ଶଙ୍କରୀ ବୁଜିଙ୍କ ଲିଖିତ ଅଭିଯୋଗକୁ ଆଧାରକରି ଗୁରୁବାର କୋରାପୁଟ ସାଇଣ୍ଟିଫିକ ଟିମ୍ ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଯାଇଛି। କେସ୍ ନଂ. ୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।



ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଉଦ୍‌ଘାଟନହେଲା ସୌର ଉଦ୍ୟୋଗୀ ମେଳା

କୋରାପୁଟ,୨୯।୨(ଅମିତାଭ ବେହେରା)

ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କ ଜୀବିକା ଓ ଜୀବନଶୈଳୀରେ କିପରି ପରିବର୍ତ୍ତନ ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ କୋରାପୁଟର ନିଶାଣିମୁଣ୍ଡାଠାରେ ସୌର ଉଦ୍ୟୋଗୀ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ସେଲକୋ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ ମେଳାକୁ ଉଦ୍‌ଘାଟନକରି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେଲ୍‌କୋ ଫାଉଣ୍ଡେଶନର ଆବାହକ ସତ୍ୟପ୍ରିୟ ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ପରିବେଶକୁ ପ୍ରଦୂଷଣମୁକ୍ତ ଏବଂ ସ୍ୱଚ୍ଛ ରଖିବା ପାଇଁ ସୌରଚାଳିତ ମେଶିନଗୁଡିକର ବ୍ୟବହାର ଉପରେ ଗୁରୁତ୍ୱରୋପ କରିଥିଲେ। ଏହି କାର୍ଯ୍ୟ ଏପିଓ ଓ ମିଶନ ଶକ୍ତିର ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଜରିଆରେ କରିବାକୁ ସେ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ବ୍ଲକ ଓ ପଞ୍ଚାୟତ ସ୍ତରରେ ଆୟୋଜନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏଠାରେ ସୌର ଶକ୍ତିଚାଳିତ ମୋଟର ବ୍ୟବହାର କରି ମୁଢିଭଜା ମେଶିନ, ଜମିରେ ପାଣି ମଡାଇବା, ଧାନ, ମାଣ୍ଡିଆ ଗହମ ପେଷିବା ଆଦି ବିଭିନ୍ନ ଉପକରଣଗୁଡିକ ପ୍ରଦର୍ଶିତ କରାଯାଇଥିଲା। ଜିଲା ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ, ସିୱାଇଏସ୍‌ଡିର ଆଞ୍ଚଳିକ ମୁଖ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ଓର୍ମାସର ସହକାରୀ ନିର୍ଦ୍ଦେଶକ ରୋଶନ କାର୍ତ୍ତିକଙ୍କ ପ୍ରମୁଖ ଯୋଗଦେଇ ବର୍ତ୍ତମାନର ସମୟର ଆବଶ୍ୟକତା ଅନୁସାରେ ସୌରଶକ୍ତିର ଆବଶ୍ୟକତା ଓ ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କାର୍-ବାଇକ୍ ଧକ୍କା: ନାବାଳକ ମୃତ, ଜଣେ ଗୁରୁତର

ନନ୍ଦପୁର, ୨୯।୨(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଦେଇ ଯାଇଥିବା ବିଶାଖାପାଟଣା-ଜୟପୁର ରାଜ୍ୟ ରାଜପଥର ସିରିସଗୁଡ଼ା ନିକଟରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ନନ୍ଦପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ମୃତକ ଜଣକ ଡୁମୁରିଗୁଡା ଗ୍ରାମର ସୁରେନ୍ଦ୍ର ପାଙ୍ଗୀଙ୍କ ପୁଅ ଅର୍ଜୁନ(୧୧) ଓ ଗୁରୁତର ଜଣକ ସଲୁ ପାଙ୍ଗୀଙ୍କ ପୁଅ ନବୀନ(୧୬) ବୋଲି ଜଣାପଡିଛି। ଦୁର୍ଘଟଣା ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଫଳରେ ସେଠାରେ କିଛି ସମୟ ଧରି ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ଡିପିଓ ସମ୍ବିତ ମାଝି ଓ ପାଡୁଆ ଥାନା ଅଧିକାରୀ ଅଶୋକ ବିଶୋୟୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏନେଇ ଏକ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଛି।

# ଦଶମନ୍ତପୁର ଡାକ୍ତରଖାନାରେ କାୟାକଳ୍ପ ଟିମ୍

ଦଶମନ୍ତପୁର,୨୯।୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରସ୍ଥିତ ଡାକ୍ତରଖାନାରେ ଗୁରୁବାର ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ଗସ୍ତକରି ପରିଦର୍ଶନ କରିଛନ୍ତି। ଏହି ଅବସରରେ ଟିମ୍ ଡାକ୍ତରଖାନାର ପରିମଳ ବ୍ୟବସ୍ଥା ପରଖିଥିଲେ। ଟିମ୍‌ରେ ରାଜ୍ୟ ଆର୍‌ଆର୍‌ଟି ସେଲ୍, ଡ.ସୁରଜିତ ଗରାବଡୁ, ପରାମର୍ଶଦାତା ସୁଧାଂଶୁ ଶେଖର ସାମନ୍ତ, ଏସ୍‌ବିସି ୟୁନିସେଫ୍ ପରାମର୍ଶଦାତା ଚକ୍ରଧର ସାହୁ ଥିଲେ। କୋରାପୁଟର ପୂର୍ଣ୍ଣଚନ୍ଦ୍ର ଭୋଇ ମଧ୍ୟ ଉପସ୍ଥିତ ଥିଲେ। ଟିମ୍ ଡାକ୍ତରଖାନା ଚତୁଃପାର୍ଶ୍ୱ ତଥା ବହିର୍ବିଭାଗ, ୱାର୍ଡ ପରିଦର୍ଶନ କରିଥିଲେ। ବିଭିନ୍ନ ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା ଓ ପରିମଳ ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏହି ସମୟରେ ଡାକ୍ତର ସନ୍ଦୀପ ଦାଶ, ଡାକ୍ତର ଦିଗ ବିଜୟୀ ସିଂ, ଦୀପ୍ତିକାନ୍ତ ନାୟକ, ଦେବାଶିଷ ପଟ୍ଟନାୟକ, ଫାର୍ମାସିଷ୍ଟ ତ୍ରିଲୋଚନ ଜେନା, ବିପିଏମ୍ ଶ୍ରୀକାନ୍ତ ଦାସ ବିଏଏମ୍, ନରସିଂହ ସାହୁ, ଲଳିତ ମୋହନ ବିଶୋୟୀ, ମନୋଜ ନାଗଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଡାକ୍ତରଖାନାରେ କାୟାକଳ୍ପ ଟିମ୍ ସମୀକ୍ଷା କରୁଛନ୍ତି।

# ୩ ପଞ୍ଚାୟତକୁ ଯୋଡ଼ିବ ମୁଖ୍ୟମନ୍ତ୍ରୀ ଆମ ବ୍ୟାଙ୍କ

କୁନ୍ଦୁରା, ୨୯।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଣୁଆଗୁଡ଼ାଠାରେ ମୁଖ୍ୟମନ୍ତ୍ରୀ ଆମ ବ୍ୟାଙ୍କ ଉଦ୍‌ଘାଟିତ ହୋଇଛି। ଏଠାରେ ମୁଖ୍ୟଅତିଥି ଭାବେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ବିଡିଓ କପିଳେଶ୍ୱର ତାଣ୍ଡି, ବିଧାୟିକା ପ୍ରତିନିଧି ରମାକାନ୍ତ ମିଶ୍ର, ଜିଲା ମହିଳା ବିଜେଡ଼ି ସଭାନେତ୍ରୀ ପାର୍ବତୀ ମସ୍ତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନି,ବ୍ଲକ ବିଜେଡ଼ି ସଭାପତି ବୃନ୍ଦାବନ ମଲ୍ଲିକ, ଏବିଡିଓ ରାମ ପ୍ରସାଦ ଦୋରା, ଯୁବ ସଭାପତି ବିକ୍ରମ ବେହେରା, ସରପଞ୍ଚ ଦୁତିକା ଭୂମିଆ, ସମିତି ସଭ୍ୟ ବନିତା କାନ୍ଦଲିଆ, ପିଇଓ ବିଜ୍ଞାନ ମିଶ୍ର ଉପସ୍ଥିତ ଥିଲେ। ଏହି ବ୍ୟାଙ୍କ ୩ଟି ପଞ୍ଚାୟତକୁ ସୁବିଧା ସୁଯୋଗ ଯୋଗାଇ ପାରିବ। ଏହା ଆମ ବ୍ୟାଙ୍କ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, କୁନ୍ଦୁରା ବ୍ଲକ ଅଧୀନରେ ୩ଟି ଉତ୍କଳ ଗ୍ରାମ୍ୟବ୍ୟାଙ୍କ କୁନ୍ଦୁରା, ଡଙ୍ଗରପାଉଁଶି ଏବଂ ଦିଗାପୁରଠାରେ ରହିଛି। ଉପରୋକ୍ତ ୩ଟି ପଞ୍ଚାୟତକୁ ବାଦ ଦେଲେ ଅନ୍ୟ ୧୩ଟି ପଞ୍ଚାୟତର ଲୋକଙ୍କୁ ସେମିତି କିଛି ସୁବିଧା ମିଳି ପାରୁ ନ ଥିଲା। ବ୍ୟାଙ୍କ ସେବା ପାଇବାକୁ ଲୋକଙ୍କୁ ୧୦ କି.ମି. ଯିବାକୁ ପଡୁଥିଲା। ବୃଦ୍ଧାବୃଦ୍ଧାମାନେ ସେମାନଙ୍କ ପେନସନ ଟଙ୍କା ଉଠାଇବାକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱରୂପ ସାହୁ ଗିତାଞ୍ଜଳି ମିଶ୍ର, ଜଗତ ନାୟକ, ସରୋଜ ସାବତ, କିଶୋର ହାଲାବା ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ୪୮ ଜଣଙ୍କୁ ଚଷମା ବଣ୍ଟନ

ଦାମନଯୋଡି,୨୯।୨ (ମାନସ ରଞ୍ଜନ କର)

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଚାଳିଶିଆ ଦୃଷ୍ଟିଦୋଷ ଭୋଗୁଥିବା ଜନସାଧାରଣଙ୍କୁ ଚଷମା ବଣ୍ଟନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁଚରଣ ପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ହିତାଧିକାରୀଙ୍କୁ ଚଷମା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଟି) ଡା. ସୁଶାନ୍ତ ଦାଶ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ ଟପ୍ପୋ, ମାଇକ୍ରୋ ବାୟୋଲୋଜିଷ୍ଟ ଲକ୍ଷ୍ମୀ ବିଶାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିପିଏମ ନୂତନ ସିଂହ,ପିଏଚଇଓ ବିଜୟ ଖିଲ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଜିଲା ଅନ୍ଧତ୍ୱ ଦୂରୀକରଣ ଓ ସୁନେତ୍ର କାର୍ଯ୍ୟକ୍ରମ ଡା. ମୀରାବାଇ ବେହେରାଙ୍କ ତତ୍ତ୍ୱାବଧାନରେ ଜିଲାରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ ଚକ୍ଷୁପରୀକ୍ଷା କରି ଚଷମା ବଣ୍ଟନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପ୍ରଥମ ଦିବସରେ ୪୮ଜଣ ହିତାଧିକାରୀଙ୍କୁ ଚଷମା ପାଇଛନ୍ତି। ବ୍ଲକରେ ମୋଟ ୪୦୨ଟି ଚଷମା ବାଣ୍ଟିବା ଯୋଜନା ରହିଛି।

# କାର୍ ଡ୍ରାଇଭର ଗିରଫ

ସୁନାବେଡା,୨୯।୨(କୃତ୍ତିବାସ ପ୍ରଧାନ)

ସୁନାବେଡା ଥାନା ଏଏସ୍‌ଆଇ ଜ୍ୟୋତ୍ସ୍ନାରାଣୀ ମିଶ୍ର ଟିମ୍ ସହ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ଜଣେ ଯୁବକଙ୍କୁ ଧରିଥିଲେ। ସେ ଅନ୍ୟ ଏକ ଗାଡିକୁ ଧକ୍କା ଦେଇ ଫେରାର ହୋଇଯାଉଥିଲେ। ତାଙ୍କ ନାମ ମନୋଜ ପାଙ୍ଗି(୨୨)। ହାଲ ସହରାଞ୍ଚଳ ଇଣ୍ଡେନ ଗ୍ୟାସ ଗୋଦାମ ନିକଟସ୍ଥ ରାସ୍ତାରେ ମନୋଜ କାର (ଓଆର୍ ୧୦ ଏଚ୍ ୬୬୪୯)ନେଇ ଯାଉଥିବା ବେଳେ ଅନ୍ୟ ଏକ କାର୍ (ଓଡି୧୦ ଟି ୮୨୬୨)କୁ ଧକ୍କା ଦେଇ ଫେରାର ହୋଇଯାଉଥିଲେ। ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। କେସ ନଂ. ୪୮/୨୪ରେ ମାମଲା ରୁଜୁ କରାଯାଇ ମନୋଜଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସଂପୃକ୍ତ ଗାଡିକୁ ଜବତ କରାଯାଇଛି। ମନୋଜ ବିନା ଲାଇସେନ୍ସରେ ଗାଡି ଚଳାଉଥିଲେ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# ଭାଲୁ ଆକ୍ରମଣରେ ବୃଦ୍ଧ ମୃତ

କୁନ୍ଦୁରା, ୨୯।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ଗ୍ରାମ ପଞ୍ଚାୟତ ଦୋରାଗୁଡାଠାରେ ବାସ କରୁଥିବା ଲଛମନ ହରିଜନ (୭୦)ଙ୍କ ଭାଲୁ ଆକ୍ରମଣରେ ମୃତ୍ୟୁ ହୋଇଛି। ସେ ଦୋରାଗୁଡାରୁ ମୁଣ୍ଡିଗୁଡା ଗ୍ରାମକୁ ଯାଉଥିବା ବେଳେ ଭାଲୁ ସହ ମୁହାଁମୁହିଁ ହୋଇଥିଲେ। ଭାଲୁସହ ଦୀର୍ଘ ସମୟ ଧରି ତାଙ୍କର ଧସ୍ତା ଧସ୍ତି ହୋଇଥିଲା। କିଛି ସମୟ ପରେ ପରିବାର ଲୋକେ ଓ ଗ୍ରାମବାସୀ ଜାଣିବା ପରେ ତାଙ୍କୁ ଯାଇ ସେଠାରୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଲଛମନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ପୋଖରୀରେ ବୁଡ଼ି ଉତ୍ତର ପ୍ରଦେଶ ଯୁବକଙ୍କ ମୃତ୍ୟୁ

ବୋରିଗୁମ୍ମା, ୨୯।୨(ବିଜୟ ସାହୁ)

ଝିଲିମିଲି ଗ୍ରାମ ପୋଖରୀରେ ବୁଡ଼ି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ଉତ୍ତର ପ୍ରଦେଶର ତେଜ ସିଂ ବୋଲି ଜଣାପଡିଛି। ସକାଳେ ସିଂ ପୋଖରୀରେ ଗାଧୋଉଥିବା ସମୟରେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସିଂ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ଆଖପାଖ ଲୋକେ ଏହା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବୋରିଗୁମ୍ମା ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ପାଣି ଭିତରୁ ସିଂଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ବୋରିଗୁମ୍ମା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ତେଜ ସିଂ ବାଞ୍ଜାରା ଗୋଷ୍ଠୀର। ସେମାନଙ୍କର ଏକ ଦଳ ଗତ କିଛି ଦିନ ହେଲା ବୋରିଗୁମ୍ମା ଅଞ୍ଚଳକୁ ଆସି ରହୁଥିଲେ।

# ଜଗନ୍ନାଥ ସାଗରର ବିକାଶମୂଳକ କାର୍ଯ୍ୟ ସମୀକ୍ଷା

ଜୟପୁର, ୨୯।୨ (ପବନ ପାଣିଗ୍ରାହୀ)

ଜୟପୁର ଜଗନ୍ନାଥ ସାଗରର ବିକାଶମୂଳକ କାର୍ଯ୍ୟର ସମୀକ୍ଷା ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଗୁରୁବାର କରିଛନ୍ତି। ସାଗରର ପାଣି କିପରି ନିଷ୍କାସନ ହେବ ସେନେଇ ସମୀକ୍ଷା ବେଳେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ପୌର ଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ, ଅଜୟ ଜାନି ପ୍ରମୁଖ ଉପସ୍ଥିତ ଥିଲେ।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

ନାରାୟଣପାଟଣା,୨୯।୨( ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ଥାନା ଗତିଗୁଡ଼ା ଗ୍ରାମର ସୁକଦେବ ବିଡିକାଙ୍କ ୯ ବର୍ଷ ପୁଅ ହାଏଲ ଗତ କିଛି ଦିନ ତଳେ ଜ୍ୱରରେ ପୀଡ଼ିତ ହୋଇଥିଲେ। ତାଙ୍କୁ ପରିବାର ଲୋକେ ନାରାୟଣପାଟଣା ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରକୁ ବୁଧବାର ଆଣିଥିଲେ। ହେଲେ ନାରାୟଣପାଟଣା ଡାକ୍ତରଖାନାର ଡ଼ାକ୍ତର ଶିଶୁଟିକୁ ସାଧାରଣ ଚିକିତ୍ସା କରି ଘରକୁ ଛାଡ଼ିଦେଇ ଥିଲେ। ରାତିରେ ତାଙ୍କର ଜ୍ୱର ନ କମିବାରୁ ପୁନର୍ବାର ଗୁରୁବାର ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ହାଏଲ୍‌ଙ୍କ ମୃତ୍ୟୁ ହୋଇଥିଲା। ଏନେଇ ପରିବାର ଲୋକେ ଡାକ୍ତର ଜାଣିଶୁଣି ମୋ' ପୁଅର ଚିକିତ୍ସାରେ ଅବହେଳା କରି ମାରିଦେଇଛନ୍ତି ବୋଲି ସୁକଦେବ ଅଭିଯୋଗ କରିଛନ୍ତି। ସେ ସେଠାରେ ମୃତଦେହ ଶବ ରଖି କ୍ଷତିପୂରଣ ଦାବି କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ଭେଣ୍ଡିଂ ଜୋନ୍ ବ୍ୟବସାୟୀ

ସୁନାବେଡ଼ା/ସେମିଳିଗୁଡ଼ା,୨୯।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ପୌର ପ୍ରଶାସନ ପକ୍ଷରୁ ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟରେ ୨୬ନଂ. ଜାତୀୟ ରାଜପଥ କଡ଼ ତଥା ହାଲ୍ ମ୍ୟୁଜିୟମ ନିକଟରେ ନିର୍ମାଣ କରାଯାଇଥିଲା ଭେଣ୍ଡିଂ ଜୋନ୍। ଦୂରଦୂରାନ୍ତରୁ ଆସୁଥିବା ଛୋଟ ବଡ଼ ବ୍ୟବସାୟୀମାନେ ଏଠାରେ ବ୍ୟବସାୟ କରନ୍ତି। ସପ୍ତାହରେ ଦୁଇ ଦିନ ଶନିବାର ଓ ରବିବାର ଏଠାରେ ହାଟ ବସେ। ହେଲେ ଏଠାକାର ବ୍ୟବସାୟୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବାକୁ ଭୁଲିଯାଇଛି ପୌର ପ୍ରଶାସନ। ଏଠାକାର ପରିବେଶ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି। ହାଟସାରା କୁଢ଼ କୁଢ଼ ଆବର୍ଜନା ଗଦାହୋଇଛି। ସାମାନ୍ୟ ପିଇବା ପାଣି ଟୋପେ ପାଇଁ ବ୍ୟବସାୟୀଙ୍କୁ ଅଧ କି.ମି. ବାଟ ଯିବାକୁ ପଡୁଛି। ଏହି ହାଟକୁ ସେମିଳିଗୁଡ଼ା, ସୁନାବେଡ଼ା ଆଖପାଖ ଅଞ୍ଚଳ ବ୍ୟତୀତ ଉପରକାଣ୍ଟି, ଟାଙ୍କୁବେଡା, ଉଡୁରା ମଞ୍ଜାରୀ, ଗିତା ମଞ୍ଜାରୀ, ପୁଟସିଲ, ପେଣ୍ଡାଜାମ, ହଳଦୀବାଡ଼, ଚିକଲମାରି, ଫୁଲବନ୍ଧ, ବାରକୋଟଣି, ରାଜନାଗୁଡା, କୋକ୍ରିଗୁଡା, ରେଙ୍ଗା, ମାଳିମରୁଆ, ହାଟଗୁଡା, ପୂଜାରିପୁଟ, କୁନ୍ଦୁଲି, ସୁବାଇ, ପିତାଗୁଡା, ରାଜପୁଟ, ବାଲଡ଼ା, ରାଜପଲମା, ଗୁଣ୍ଡାପୁଟ, ମୋହନପଡା, ଭେଜାପୁଟ, ଭିତରମାନିଆ ପ୍ରଭୃତି ସ୍ଥାନରୁ ଶତାଧିକ ମହିଳା ଓ ପୁରୁଷ ବ୍ୟବସାୟୀ ବ୍ୟବସାୟ କରିବାକୁ ଆସନ୍ତି। ସେମାନେ ଶନିବାର ଆସି ଏଠାରେ ରହି ପୁଣି ରବିବାର ହାଟକରି ନିଜ ନିଜ ଗ୍ରାମକୁ ଫେରନ୍ତି । ଏଠାରେ ଶୌଚାଳୟଟିଏ ନ ଥିବାରୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହି ଭେଣ୍ଡିଂ ଜୋନ୍‌ର ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ୨୦୦୯ରୁ ଏଯାଏ ପ୍ରାୟ ସାଢ଼େ ୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ସରିଥିବା କୁହାଯାଉଥିଲେ ମଧ୍ୟ ବ୍ୟବସାୟୀଙ୍କ ସାମାନ୍ୟ ମୌଳିକ ସୁବିଧା ଦୂର ହୋଇପାରିନି। ଫଳରେ ଏହି ଟଙ୍କା କେଉଁଠି କିପରି ଖର୍ଚ୍ଚ ହୋଇଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ସେପ୍ଟେମ୍ବର ୨୩ରେ ଧରିତ୍ରୀରେ ଏହି ହାଟ ସମ୍ପର୍କରେ ଖବର ପ୍ରକାଶ ପରେ ବର୍ଷା ଛାଡ଼ିବା ପରେ ଉନ୍ନତୀକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପୌରାଧ୍ୟକ୍ଷ କହିଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ସୁନାବେଡ଼ା ପୌର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ହାଟର ପୁନରୁଦ୍ଧାର ପାଇଁ ୨୦ଲକ୍ଷ ଟଙ୍କାର ନୂଆ ଟେଣ୍ଡର ପ୍ରକ୍ରିୟା ହୋଇସାରିଛି । ଖୁବ୍‌ଶୀଘ୍ର ସମସ୍ତ ସମସ୍ୟା ଦୂର ହେବ। ବ୍ୟବସାୟୀଙ୍କ ଲାଗି ବସିବା ସ୍ଥାନ, ପିଇବା ପାଣି ଏବଂ ଶୌଚାଳୟ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।



